OSDMA

# ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ

# ସମ୍ବାଦ ପତ୍ରିକା

ବର୍ଷ-୧ ସଂଖ୍ୟା-୬ ସେପ୍ଟେମ୍ବର-୨୦୧୯ ପୃଷ୍ଠା-୮

## ପରିଚାଳନା ନିର୍ଦ୍ଦେଶକଙ୍କ କଲମରୁ...



**ପ୍ରଦୀପ ଜେନା, ଭା.ପ୍ର.ସେ.,**
ପ୍ରମୁଖ ଶାସନ ସଚିବ (ବିପର୍ଯ୍ୟୟ ପରିଚାଳନା), ସ୍ୱତନ୍ତ୍ର ସାହାଯ୍ୟ ଆୟୁକ୍ତ ଓ ପରିଚାଳନା ନିର୍ଦ୍ଦେଶକ, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ

ବିପର୍ଯ୍ୟୟ ସମୟରେ ମନୁଷ୍ୟର ଜୀବନରକ୍ଷା ହେଉଛି ସମସ୍ତଙ୍କର ପ୍ରଥମ କର୍ତ୍ତବ୍ୟ। ନିଜ ଜୀବନକୁ ଭ୍ରୁକ୍ଷେପ ନ କରି ଯେଉଁ ସାହସୀ ବ୍ୟକ୍ତି/ ଯବାନ ବିପର୍ଯ୍ୟୟ ସମୟରେ ମନୁଷ୍ୟର ଜୀବନକୁ ରକ୍ଷା କରାଇବାରେ ସହାୟତା କରିଥାନ୍ତି, ସେ ହିଁ ଭଗବାନଙ୍କ ଦେବଦୂତ ଭାବରେ ପରିଗଣିତ ହୋଇଥାନ୍ତି। ସେହି ମହାନ୍ ଜୀବନରକ୍ଷାକାରୀ ବ୍ୟକ୍ତି/ ଯବାନଙ୍କୁ 'ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ'ଙ୍କ ତରଫରୁ ପର୍ଯ୍ୟାୟକ୍ରମେ ପ୍ରଶିକ୍ଷଣ ଦିଆଯାଇଥାଏ। ଯଦ୍ୱାରା କି ଯେତେବଡ ବିପତ୍ତି ଆସିଲେ ମଧ୍ୟ ସାହାସର ସହିତ ମୁକାବିଲା କରି ବିପର୍ଯ୍ୟସ୍ତ ମନୁଷ୍ୟଙ୍କୁ ମୃତ୍ୟୁମୁଖରୁ ବଞ୍ଚାଇ ପାରିଥାନ୍ତି। ସେଥି ନିମନ୍ତେ ଗ୍ରାମ୍ୟସ୍ତରରୁ ଆରମ୍ଭ କରି ରାଜ୍ୟସ୍ତର ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ କର୍ମଶାଳାମାନ ଆୟୋଜନ କରାଯାଇଥାଏ। ଓ.ଏସ୍.ଡି.ଏମ୍.ଏ. ତରଫରୁ ବିପର୍ଯ୍ୟୟ ସମୟରେ ପ୍ରତିକାର ସମ୍ବନ୍ଧୀୟ ସଚେତନତା ନିମନ୍ତେ ଗଣମାଧ୍ୟମମାନଙ୍କ ସହାୟତାରେ ବିଜ୍ଞାପନ ଦିଆଯାଇ ଜନସାଧାରଣଙ୍କୁ ସଚେତନତା କରାଇବାର ପ୍ରୟାସ ଜାରି ରହିଥାଏ। ତତ୍‌ସହିତ ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଯୋଜନା ନିମନ୍ତେ ଗ୍ରାମ୍ୟସ୍ତରରେ ଟାସ୍କଫୋର୍ସମାନ ଗଠନ କରାଯାଇଥାଏ, ଯଦ୍ୱାରା ଆଗାମୀ ଦିନମାନଙ୍କରେ ବିପର୍ଯ୍ୟୟ ସମୟରେ ଧନଜୀବନ ରକ୍ଷା କରିବା ସହଜସାଧ୍ୟ ହୋଇପାରିବ। ଏଥିନିମନ୍ତେ ସମସ୍ତଙ୍କର ବୁଦ୍ଧି, ବିବେକ ଓ ମାନବିକତାର ଆବଶ୍ୟକତା ରହିଛି। ଯାହା କି ଫଳପ୍ରଦ ହେବା ନିମନ୍ତେ 'ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ' ଦୃଢ଼ ଆଶାବାଦୀ।

## ଭାରତୀୟ ବନ ବିଭାଗ ପ୍ରତିନିଧି ଦଳଙ୍କ ଓ.ଏସ୍.ଡି.ଏମ୍.ଏ. କାର୍ଯ୍ୟାଳୟ ପରିଦର୍ଶନ





ଭାରତୀୟ ବନ ବିଭାଗ, ଗୁଜୁରାଟର ଏକ ପ୍ରତିନିଧି ଦଳ ତା.୧୦.୦୯.୨୦୧୯ରିଖରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ପରିଦର୍ଶନରେ ଆସି ବିପର୍ଯ୍ୟୟ ପରିଚାଳନା ଓ ପ୍ରସ୍ତୁତି ସମ୍ବନ୍ଧରେ ଆଲୋଚନା କରିଥିଲେ। ବାତ୍ୟା/ ବନ୍ୟା ସମୟରେ ଓଡ଼ିଶା ରାଜ୍ୟ କିଭଳି ଭାବେ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା କରିଆସୁଛି ଓ ବିପର୍ଯ୍ୟୟ ପରିଚାଳନା ଏବଂ ହ୍ରାସକରଣ ସମ୍ବନ୍ଧୀୟ ବିଭିନ୍ନ ଯୋଜନା ବିଷୟରେ ସେମାନଙ୍କୁ ଅବଗତ କରାଯାଇଥିଲା। ଆଲୋଚନାରେ ଓ.ଏସ୍.ଡି.ଏମ୍.ଏ.ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ପ୍ରଦୀପ ଜେନା ଓ ଏସ୍.ଆର.ସି. ର ଓ.ଏସ୍.ଡି. ତଥା ଯୁଗ୍ମ ରିଲିଫ କମିଶନର ଶ୍ରୀ ପ୍ରଭାତ ରଞ୍ଜନ ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ସୂଚୀପତ୍ର


- ଭାରତୀୟ ବନ ବିଭାଗ ପ୍ରତିନିଧିଦଳଙ୍କ ଓ.ଏସ୍.ଡି.ଏମ୍.ଏ. କାର୍ଯ୍ୟାଳୟ ପରିଦର୍ଶନ: ପୃ-୧
- ବିଭିନ୍ନ ଜିଲ୍ଲାରେ ବିପର୍ଯ୍ୟୟ ପରିଚାଳନା ପାଇଁ ନିଷ୍ପତ୍ତି ସହାୟକ ବ୍ୟବସ୍ଥା (ଡି.ଏସ୍.ଏସ୍.) କର୍ମଶାଳା: ପୃ-୨
- ପୁରୀ ଜିଲ୍ଲାରେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସମ୍ବନ୍ଧରେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ସମୀକ୍ଷା ବୈଠକ: ପୃ-୨
- ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରେ ଟେବୁଲ ଟପ୍ ଏକ୍ସରସାଇଜ୍ : ପୃ-୩
- ଖୋର୍ଦ୍ଧା ଜିଲ୍ଲାରେ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ: ପୃ-୪
- ଖୋର୍ଦ୍ଧା ଓ ଜଗତସିଂହପୁର ଜିଲ୍ଲାରେ ସରକାରୀ ଓ ବେସରକାରୀ ସଂସ୍ଥା ମଧ୍ୟରେ ସମନ୍ୱୟ ବୈଠକ : ପୃ-୪
- ଗ୍ରାମ୍ୟସ୍ତରରେ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି କର୍ମଶାଳା: ପୃ-୫
- ବଲାଙ୍ଗୀର ଜିଲ୍ଲାରେ ଗୋଷ୍ଠୀସ୍ତରୀୟ ସଚେତନତା କାର୍ଯ୍ୟକ୍ରମ: ପୃ-୬
- ବିପର୍ଯ୍ୟୟ ବିପଦ ହ୍ରାସ ନିମନ୍ତେ କୃଷି ଭବନଠାରେ ମିଳିତ ଆଲୋଚନା: ପୃ-୭



### ମୁଖ୍ୟ ସମ୍ପାଦକ

**ପ୍ରଦୀପ ଜେନା, ଭା.ପ୍ର.ସେ.,**
ପ୍ରମୁଖ ଶାସନ ସଚିବ (ବିପର୍ଯ୍ୟୟ ପରିଚାଳନା),
ସ୍ୱତନ୍ତ୍ର ସାହାଯ୍ୟ ଆୟୁକ୍ତ ଓ ପରିଚାଳନା ନିର୍ଦ୍ଦେଶକ,
ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ

# ବିଭିନ୍ନ ଜିଲ୍ଲାରେ ବିପର୍ଯ୍ୟୟ ପରିଚାଳନା ପାଇଁ ନିଷ୍ପତ୍ତି ସହାୟକ ବ୍ୟବସ୍ଥା (ଡି.ଏସ୍.ଏସ୍.) ସମ୍ପର୍କିତ କର୍ମଶାଳା

ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍.ଡି.ଏମ୍.ଏ)ଙ୍କ Incident Response System (IRS) ମାର୍ଗଦର୍ଶିକା ଅନୁଯାୟୀ, ଓଡ଼ିଶା ରାଜ୍ୟ ସରକାର ବିପର୍ଯ୍ୟୟର ଉତ୍ତମ ପରିଚାଳନା ପାଇଁ Decision Support System (DSS) କାର୍ଯ୍ୟ ଚାଲୁ ରଖିଛନ୍ତି। ଡି.ଏସ୍.ଏସ୍. ଯେ କୌଣସି ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟ ସମୟରେ ପ୍ରଶାସନିକ କ୍ଷେତ୍ରରେ ସରକାରଙ୍କୁ ମାର୍ଗଦର୍ଶନ କରିଥାଏ। ବିପର୍ଯ୍ୟୟ ପରିଚାଳନା ଦକ୍ଷତା ବୃଦ୍ଧି ପାଇଁ ଆଇ.ଆର୍.ଏସ୍ /ଡି.ଏସ୍.ଏସ୍ ରାଜ୍ୟର ସମସ୍ତ ବିଭାଗ, ଜିଲ୍ଲା ଓ ବ୍ଲକମାନଙ୍କୁ ଆଗୁଆ ପ୍ରସ୍ତୁତି ପାଇଁ ସୂଚନା ଦେବା ସହ Standard Operating Procedure (SOP) ଆଧାରିତ କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥାଏ। ଭାରତ ସରକାରଙ୍କ ଟେଲିକମ୍ୟୁନିକେସନ କନସଲଟାଣ୍ଟ ଇଣ୍ଡିଆ (ଟି.ସି.ଆଇ.ଏଲ୍) ରାଜ୍ୟରେ ଏହି ଡି.ଏସ୍.ଏସ୍. କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି। ଏହି ସଂପର୍କରେ ଜଗତ୍‌ସିଂହପୁର, ବରଗଡ, ସମ୍ବଲପୁର ଏବଂ ସୁବର୍ଣ୍ଣପୁର ଜିଲ୍ଲାରେ କର୍ମଶାଳା ଆୟୋଜନ କରାଯାଇଥିଲା। ଏହି କର୍ମଶାଳାରେ ଜିଲ୍ଲାର ଜିଲ୍ଲାପାଳ, ତହସିଲଦାର, ବ୍ଲକ ଉନ୍ନୟନ ଅଧିକାରୀ (ବି.ଡି.ଓ), ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀଗଣ ଏବଂ କମ୍ପ୍ୟୁଟର ପ୍ରୋଗ୍ରାମରମାନେ ଉପସ୍ଥିତ ଥିଲେ।


ଜଗତସିଂହପୁର



ସୁବର୍ଣ୍ଣପୁର

# ପୁରୀ ଜିଲ୍ଲାରେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସମ୍ବନ୍ଧରେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ସମୀକ୍ଷା ବୈଠକ

ତା.୨୭.୦୯.୨୦୧୯ରିଖ ଦିନ ପୁରୀ ସ୍ପେଶାଲ ସର୍କିଟ ହାଉସ ସଭା ଗୃହରେ ସ୍ୱତନ୍ତ୍ର ରିଲିଫ୍ କମିଶନର, ଶ୍ରୀ ପ୍ରଦୀପ ଜେନାଙ୍କ ଅଧ୍ୟକ୍ଷତାରେ ପୁରୀ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସଂପର୍କରେ ସମୀକ୍ଷା କରାଯାଇଥିଲା। ବାତ୍ୟା 'ଫନି' ଦ୍ୱାରା ଦୂରସଂଚାର କ୍ଷୟକ୍ଷତିର ପୁନଃରୁଦ୍ଧାର, ଓ.ଡି.ଆର୍.ପି. ର ଅଗ୍ରଗତି, ଗୃହ ନିର୍ମାଣ କାର୍ଯ୍ୟକ୍ରମର ସମୀକ୍ଷା, ଉପଯୋଗ ପ୍ରମାଣପତ୍ର (ୟୁ.ସି.) ଦାଖଲ, ଅନ୍ୟାନ୍ୟ କ୍ଷୟକ୍ଷତିର ପୁନଃରୁଦ୍ଧାର ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଉପଯୁକ୍ତ ହିତାଧିକାରୀମାନଙ୍କୁ ଘରଭଙ୍ଗା ସହାୟତା ରାଶି ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିଭଳି ଅନ୍ୟାନ୍ୟ ପ୍ରକଳ୍ପର କାର୍ଯ୍ୟାନ୍ୱୟନକୁ ଅଗ୍ରଗତି କରିବା ପାଇଁ ମତାମତ ରଖାଯାଇଥିଲା। ବାତ୍ୟା ଦ୍ୱାରା ଭିତ୍ତିଭୂମି କ୍ଷୟକ୍ଷତିର ତୁରନ୍ତ ପୁନଃରୁଦ୍ଧାର କରାଯିବା ଆବଶ୍ୟକ ବୋଲି ପ୍ରମୁଖ ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। ବୈଠକରେ ପୁରୀ ଜିଲ୍ଲାପାଳ ବଲୱନ୍ତ ସିଂ, ଯୁଗ୍ମ ରିଲିଫ କମିଶନର ଶ୍ରୀ ପ୍ରଭାତ ରଂଜନ ମହାପାତ୍ର, ସାଧାରଣ ପରିଚାଳିକା ଶ୍ରୀମତୀ ସୁସ୍ମିତା ବେହେରା (ଓଏସ୍‌ଡିଏମ୍ଏ) ଙ୍କ ସମେତ ଉପଜିଲ୍ଲାପାଳ, ପୁରୀ, ଓଡ୍ରାଫ୍ ଅଧିକାରୀ, ଦୂରସଂଚାର ବିଭାଗର ପ୍ରତିନିଧି, ଜିଲ୍ଲା ଜରୁରୀକାଳୀନ ପ୍ରକୋଷ୍ଠର ଅଧିକାରୀ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।







# ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରେ ଟେବୁଲ ଟପ୍ ଏକ୍ସରସାଇଜ୍




ଟେବୁଲ୍ ଟପ୍ ଏକ୍ସରସାଇଜ୍ ହେଉଛି ବିପର୍ଯ୍ୟୟ ପ୍ରସ୍ତୁତିର ଏକ ଉପାଦାନ। ଏଥିରେ ଅଂଶଗ୍ରହଣକାରୀମାନେ ଏକ ପରିକଳ୍ପିତ ବିପର୍ଯ୍ୟୟ ପରିସ୍ଥିତିରେ କେମିତି ପ୍ରସ୍ତୁତ ରହିବା ସହିତ ତୁରନ୍ତ ପ୍ରତିକ୍ରିୟା କରିପାରିବେ ତାହା ଉପରେ ଆଲୋଚନା କରାଯାଏ। ଟେବୁଲ୍ ଟପ୍ ଏକ୍ସରସାଇଜ୍ ମାଧ୍ୟମରେ ଅଂଶଗ୍ରହଣକାରୀମାନେ ନିଜର ଶକ୍ତି, କ୍ଷମତା, ବିଭିନ୍ନ ପ୍ରକାରର ସମ୍ବଳ ଏବଂ ବାହ୍ୟ ସାହାଯ୍ୟର ଆବଶ୍ୟକତାକୁ ଅନୁଶୀଳନ କରିପାରିଥାନ୍ତି, ଯାହା ପ୍ରକୃତ ବିପର୍ଯ୍ୟୟ ସମୟରେ କାର୍ଯ୍ୟରେ ଆସିଥାଏ।

ଏହି ପରିପ୍ରେକ୍ଷୀରେ ତା.୨୫.୦୯.୨୦୧୯ରିଖରେ ଭୁବନେଶ୍ୱର ସ୍ଥିତ ବିଜୁପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରେ ବିପର୍ଯ୍ୟୟ ପ୍ରସ୍ତୁତି ନିମନ୍ତେ ଟେବୁଲ ଟପ୍ ଏକ୍ସରସାଇଜ୍ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଡଃ. ମଳୟ ପ୍ରଧାନ, ସାଧାରଣ ପରିଚାଳକ, ଓ.ଏସ୍.ଡି.ଏମ୍.ଏ, ପର୍ଯ୍ୟବେକ୍ଷକ ଭାବେ ଯୋଗଦାନ କରିଥିଲେ। ଶ୍ରୀ ସୁନୀଲ କୁମାର ସାହୁ, ସହକାରୀ ସାଧାରଣ ପରିଚାଳକ, ଶ୍ରୀ ସୁତନୁ କୁମାର ଠାକୁର ଏବଂ ଶ୍ରୀ ଲକ୍ଷ୍ମୀନାରାୟଣ ନାୟକ, ରାଜ୍ୟ ପ୍ରକଳ୍ପ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏଥିରେ ବିମାନ ବନ୍ଦରର ରନୱେରେ ଏକ ଉଡାଜାହଜ ଅବତରଣ କରିବା ସମୟରେ ଦୁର୍ଘଟଣାର ଶିକାର ହେବାର ଏକ ପରିକଳ୍ପିତ ପରିସ୍ଥିତିର ଟେବୁଲ ଟପ୍ ଏକ୍ସରସାଇଜ୍ କରାଯାଇଥିଲା। ଟେବୁଲ ଟପ୍ ଏକ୍ସରସାଇଜ୍‌ର ଉନ୍ନତି କରିବା ପାଇଁ ବିଭିନ୍ନ ପ୍ରକାରର ମତ ରଖାଯାଇଥିଲା ଯଥା: ସିଟି-ସାଇଡ୍ ହେଲ୍ପ ଡେକ୍ସ, ରେନବୋ(ଆସେମ୍ବ୍ଲି) ପଏଣ୍ଟ, ଗ୍ରୀନ୍ ଚାନେଲ୍ (ଆପ୍ରୋଚ ରୋଡ), ଫଲୋମି ଭେଇକିଲ୍ସ, ରନୱେ କ୍ଲିୟରାନ୍ସ ଇକ୍ୟୁପମେଣ୍ଟ ଇତ୍ୟାଦି।

# ଖୋର୍ଦ୍ଧା ଜିଲ୍ଲାରେ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ





ତା. ୧୧.୦୯.୨୦୧୯ ଓ ତା.୧୨.୦୯.୨୦୧୯ ରିଖ ରେ ଖୋର୍ଦ୍ଧା ବ୍ଲକ ସଭାଗୃହଠାରେ ତହସିଲଦାର, ଅତିରିକ୍ତ ତହସିଲଦାର, ସମସ୍ତ ବ୍ଲକର ବିଡିଓ, ଏବିଡ଼ିଓ, ରାଜସ୍ୱ ନିରୀକ୍ଷକ, ଅତିରିକ୍ତ ରାଜସ୍ୱ ନିରୀକ୍ଷକମାନଙ୍କର ଏକ ଦୁଇ ଦିନିଆ ଜିଲ୍ଲାସ୍ତରୀୟ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୋଟ ୧୧୦ ଜଣ ଅଂଶଗ୍ରହଣକାରୀ ଯୋଗଦେଇ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ରିଲିଫ କମିଶନର କାର୍ଯ୍ୟାଳୟର ଓ.ଏସ୍.ଡି. ତଥା ଯୁଗ୍ମ ସଚିବ ଶ୍ରୀ ବିକ୍ରମାଦିତ୍ୟ ବାରିକ, ଶ୍ରୀ ରବି ବାରିକ ଏବଂ ଶ୍ରୀ ବିଶ୍ୱନାଥ ସାହୁ, ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନୋରଞ୍ଜନ ମଲ୍ଲିକ, ଭୁବନେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଅରୁଣ ବେହେରା, ଉପ-ଜିଲ୍ଲାପାଳ ଶ୍ରୀ ଦେବବ୍ରତ ସାହୁ ପ୍ରମୁଖ ଯୋଗଦେଇ ସାମୁଦ୍ରିକ ଝଡବାତ୍ୟା 'ଫନି'ର ମୁକାବିଲା, ସରକାରଙ୍କ ନୀତିନିୟମ, ବିପର୍ଯ୍ୟୟରେ ଘଟୁଥିବା କ୍ଷୟକ୍ଷତି ସଂପର୍କିତ ସହାୟତା ପ୍ରଦାନ ସମ୍ବନ୍ଧରେ ଆଲୋଚନା କରିଥିଲେ। ଲୋକମାନଙ୍କ ମଧ୍ୟରେ ଅଧିକରୁ ଅଧିକ ସଚେତନତା ବୃଦ୍ଧି କରିବାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସନ୍ଧ୍ୟାରାଣୀ ଗୁରୁ ପରିଚାଳନା କରିଥିଲେ। ଡିଡିଏମ୍‌ଏର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶ୍ରୀ ସଚ୍ଚିଦାନନ୍ଦ ପତିଙ୍କ ସମେତ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

# ଖୋର୍ଦ୍ଧା ଓ ଜଗତସିଂହପୁର ଜିଲ୍ଲାରେ ସରକାରୀ ଓ ବେସରକାରୀ ସଂସ୍ଥା ମଧ୍ୟରେ ସମନ୍ୱୟ ବୈଠକ

ତା. ୨୪.୦୯.୨୦୧୯ରିଖ ଦିନ ସରକାରୀ ଓ ବେସରକାରୀ ସଂସ୍ଥାମାନଙ୍କୁ ନେଇ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅଧ୍ୟକ୍ଷତା କରିଥିଲେ। ବୈଠକରେ ବାତ୍ୟା 'ଫନି'ରେ ସହାୟତା, ସହଯୋଗ ଓ ପୁନର୍ବାସ ଯୋଜନାରେ କାର୍ଯ୍ୟ କରିଥିବା ସମସ୍ତ ବେସରକାରୀ ସଂସ୍ଥା / ଅନୁଷ୍ଠାନର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଆଗାମୀ ଦିନରେ ବିଭିନ୍ନ ବିପର୍ଯ୍ୟୟର ମୁକାବିଲା ସମ୍ପର୍କରେ ଅଂଶଗ୍ରହଣକାରୀ ସଂସ୍ଥାର ପ୍ରତିନିଧିମାନେ ଆଲୋଚନା କରିଥିଲେ।






ତା.୩୦.୦୯.୨୦୧୯ରିଖରେ ଜଗତସିଂହପୁର ଜିଲ୍ଲାରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସରକାରୀ ଓ ବେସରକାରୀ ସଂସ୍ଥାମାନଙ୍କୁ ନେଇ ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ସମସ୍ତ ସହଯୋଗୀ ବିଭାଗର ଅଧିକାରୀ ଏବଂ ବେସରକାରୀ ସଂଗଠନର ପ୍ରତିନିଧି, ବନ ବିଭାଗ ଅଧିକାରୀ, ଜିଲ୍ଲା ସାମାଜିକ ନିରାପତ୍ତା ଅଧିକାରୀ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ(ଆର୍.ଡବ୍ଲୁ.ଏସ୍.ଏସ୍.), ଆର୍.ଟି.ଓ ଅଧିକାରୀଙ୍କ ସହ ଅନ୍ୟାନ୍ୟ ଅଧିକାରୀମାନେ ଯୋଗଦେଇଥିଲେ। ଉକ୍ତ ବୈଠକରେ ବିଭିନ୍ନ ବିଭାଗର ଯୋଜନା ବିଷୟରେ ଆଲୋଚନା ହୋଇଥିଲା।

# ଗ୍ରାମ୍ୟସ୍ତରରେ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି କର୍ମଶାଳା

ଗ୍ରାମ୍ୟ ସ୍ତରରେ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି କରିବା ପାଇଁ ପର୍ଯ୍ୟାୟ କ୍ରମେ ବାଲେଶ୍ୱର, କଟକ, ଅନୁଗୁଳ, ସୁନ୍ଦରଗଡ, ମୟୁରଭଞ୍ଜ, କେଉଁଝର ଓ ଯାଜପୁର ଜିଲ୍ଲାରେ ଗ୍ରାମ୍ୟସ୍ତରୀୟ ବିଭାଗୀୟ ପରିଚାଳନା ଯୋଜନା ପ୍ରସ୍ତୁତି ଉପରେ କର୍ମଶାଳାମାନ ଆୟୋଜିତ ହୋଇଯାଇଅଛି । ଏହି କର୍ମଶାଳାଗୁଡିକରେ ଗ୍ରାମ୍ୟସ୍ତରରେ ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟର ସଠିକ୍ ମୁକାବିଲା କରିବା ପାଇଁ ପୂର୍ବପ୍ରସ୍ତୁତି, ପୁନଃନିର୍ମାଣ, ପୁନଃନିବାସ ଏବଂ ପ୍ରଶମନ ଉପରେ ସବିଶେଷ ଆଲୋଚନା କରାଯାଇଥିଲା । ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଗ୍ରାମ୍ୟସ୍ତରୀୟ ଯୋଜନା ପ୍ରସ୍ତୁତି କରି ସଠିକ୍ ରୂପରେ କାର୍ଯ୍ୟକାରୀ କରିବା ନିମନ୍ତେ ଉପସ୍ଥିତ ଅଧିକାରୀମାନେ ମତାମତ ରଖିଥିଲେ । ଉକ୍ତ କର୍ମଶାଳାରେ ସଂପୃକ୍ତ ଜିଲ୍ଲାଗୁଡିକର ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଓଏସ୍‌ଡିଏମ୍‌ଏର ମୁଖ୍ୟ ସାଧାରଣ ପରିଚାଳକ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବେସରକାରୀ ଅନୁଷ୍ଠାନଗୁଡିକର କାର୍ଯ୍ୟକର୍ତ୍ତା ଏବଂ ଓଏସ୍‌ଡିଏମର ରାଜ୍ୟ ପ୍ରକଳ୍ପ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ । ସଂପୃକ୍ତ ଜିଲ୍ଲାଗୁଡିକର ଜିଲ୍ଲା ପ୍ରକଳ୍ପ ଅଧିକାରୀମାନେ ଉକ୍ତ କାର୍ଯ୍ୟକ୍ରମଗୁଡିକୁ ପରିଚାଳନା କରିଥିଲେ ।



ଅନୁଗୁଳ



କଟକ




ମୟୁରଭଞ୍ଜ




ସୁନ୍ଦରଗଡ

*ରାଜ୍ୟର ବିଭିନ୍ନ ଜିଲ୍ଲାରେ ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି ଚାଲୁଅଛି । ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା, ବଲାଙ୍ଗୀର, ଢେଙ୍କାନାଳ, କୋରାପୁଟ ଏବଂ ସୁନ୍ଦରଗଡ ଜିଲ୍ଲାଗୁଡିକରେ ମନୋନୀତ କରାଯାଇଥିବା ବିଭିନ୍ନ ପ୍ରକାରର ବିପଦସଙ୍କୁଳ ଗ୍ରାମ ଗୁଡିକରେ ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନା ଗୁଡିକ ପ୍ରସ୍ତୁତ କରାଯାଉଅଛି । ଏହି ପର୍ଯ୍ୟାୟରେ ଗ୍ରାମ୍ୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ଏବଂ ଗ୍ରାମ୍ୟସ୍ତରୀୟ ଟାସ୍କଫୋର୍ସଗୁଡିକ ଗଠନ କରାଯାଉଅଛି । ବିଭିନ୍ନ ବେସରକାରୀ ସଂସ୍ଥାମାନଙ୍କ ସହାୟତାରେ ଏବଂ ଗୋଷ୍ଠୀର ମିଳିତ ଉଦ୍ୟମରେ ଏହି ବିପର୍ଯ୍ୟୟ ପରିଚାଳନା ଯୋଜନାଗୁଡିକ ପ୍ରସ୍ତୁତ କରାଯାଉଅଛି ।*



# ବଲାଙ୍ଗୀର ଜିଲ୍ଲାରେ ଗୋଷ୍ଠୀସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

ତା.୦୫.୦୯.୨୦୧୯ରିଖରେ ବଲାଙ୍ଗୀର ଜିଲ୍ଲାର ସାହାଜବାହାଲ ସ୍ଥିତ ଗୋପୀନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଏନ୍.ଡି.ଆର୍.ଏଫ୍. ଟିମ୍ ଦ୍ୱାରା ଜିଲ୍ଲା ପ୍ରଶାସନ ସହାୟତାରେ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଏକ ଗୋଷ୍ଠୀସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ବିଭିନ୍ନ କୌଶଳ ସମ୍ବନ୍ଧରେ ତାଲିମ୍, ନିଜ ସୁରକ୍ଷା, ବିପର୍ଯ୍ୟୟ ସମୟରେ ବୟସ୍କ, ଶିଶୁ, ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍କୁ ଅଗ୍ରାଧିକାର ଭିତ୍ତିରେ ସାହାଯ୍ୟ ସହଯୋଗ, ବିପର୍ଯ୍ୟୟ ସମୟରେ ଛାତ୍ରଛାତ୍ରୀଙ୍କର ଭୂମିକା ଓ ଦାୟିତ୍ୱ, ଜରୁରୀକାଳୀନ କିଟ୍ ପ୍ରସ୍ତୁତ ଆଦି ବିଷୟରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ଶିକ୍ଷା ଦିଆଯାଇଥିଲା।

ତା.୧୧.୦୯.୨୦୧୯ରିଖରେ ଏନ୍.ଡି.ଆର୍.ଏଫ୍. ଦ୍ୱାରା ଜିଲ୍ଲା ପ୍ରଶାସନ ସହାୟତାରେ ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟ ପରିସର, ତା.୧୨.୦୯.୨୦୧୯ରିଖ ରେ ସଇଁତଲା ପଞ୍ଚାୟତ ସମିତି ମହାବିଦ୍ୟାଳୟ ଏବଂ ଡିଏଭି ମହାବିଦ୍ୟାଳୟରେ ତା.୧୩.୦୯.୨୦୧୯ରିଖ ରେ ବିଭିନ୍ନ ବିପର୍ଯ୍ୟୟ ପରିଚାଳନା ଉଦ୍ଦେଶ୍ୟରେ ଗୋଷ୍ଠୀସ୍ତରୀୟ ସଚେତନତା କାର୍ଯ୍ୟକ୍ରମ କରାଯାଇ ବିପର୍ଯ୍ୟୟର ପୂର୍ବ ପ୍ରସ୍ତୁତି, ସଚେତନତା, ପୁନଃରୁଦ୍ଧାର, ବିପଦ ସଂକୁଳ ଜନସାଧାରଣଙ୍କୁ ଆଶ୍ରୟ, ସନ୍ଧାନ ଓ ଉଦ୍ଧାର କୌଶଳ, ପ୍ରାଥମିକ ଚିକିତ୍ସା ପଦ୍ଧତି, ଜରୁରୀକାଳୀନ ପରିସ୍ଥିତି ସମୟରେ କଣ କରାଯାଇ ପାରିବ, ସେଥି ନିମନ୍ତେ ପୂର୍ବ ଅଭ୍ୟାସ(Mock Drill) ପ୍ରଦର୍ଶନ କରାଯିବା ସହିତ ସେ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହିଳା ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରୀ, ବିଜୁ ଯୁବ ବାହିନୀର ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।












# ବିପର୍ଯ୍ୟୟ ବିପଦ ହ୍ରାସ ନିମନ୍ତେ କୃଷି ଭବନଠାରେ ମିଳିତ ଆଲୋଚନା




ତା. ୨୦.୦୯.୨୦୧୯ ଓ ୨୧.୦୯.୨୦୧୯ରିଖ ରେ ସ୍ଥାନୀୟ କୃଷି ଭବନ ସଭାଗୃହରେ ଉତ୍କଳ ବିଶ୍ୱବିଦ୍ୟାଳୟର ଲୋକ ପ୍ରଶାସନ ବିଭାଗ ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ବିପର୍ଯ୍ୟୟ ବିପଦ ହ୍ରାସକରଣ ଓ ଗୋଷ୍ଠୀ ସଶକ୍ତିକରଣ ନିମନ୍ତେ ଦୁଇ ଦିନିଆ ଆନ୍ତର୍ଜାତିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ରକୁ ଓ.ଏସ୍.ଡି.ଏମ୍.ଏ. ପରିଚାଳନା ନିର୍ଦ୍ଦେଶକ ଶ୍ରୀ ପ୍ରଦୀପ ଜେନା ଉଦ୍‌ଘାଟନ କରି କହିଥିଲେ ଯେ ସରକାରୀ, ବେସରକାରୀ ଏବଂ ବ୍ୟକ୍ତିଗତ ସହଯୋଗରେ କାର୍ଯ୍ୟକଲେ ପ୍ରାକୃତିକ ବିପର୍ଯ୍ୟୟର କ୍ଷୟକ୍ଷତିକୁ ହ୍ରାସ କରାଯାଇପାରିବ। ଉତ୍କଳ ବିଶ୍ୱବିଦ୍ୟାଳୟର ଲୋକ ପ୍ରଶାସନ ବିଭାଗର ମୁଖ୍ୟ ପ୍ରଫେସର ଶ୍ରୀମତୀ ସ୍ୱର୍ଣ୍ଣମୟୀ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇ ଆଲୋଚନା ଚକ୍ରର ଆଭିମୁଖ୍ୟ ଓ ଲକ୍ଷ୍ୟ ସଂପର୍କରେ ଦୃଷ୍ଟିଆକର୍ଷଣ କରିଥିଲେ। ଏତଦ୍‌ବ୍ୟତୀତ ଜବାହାରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟର ଏସ୍.ସି.ଡି.ଆର୍. ଚେୟାରପର୍ସନ ପ୍ରଫେସର ଅମିତା ସିଂହ ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟର ମୁକାବିଲା ଏବଂ ଏହି ମହାବିପତ୍ତିକୁ କିପରି ହ୍ରାସ କରାଯାଇ ପାରିବ ସେ ସଂକ୍ରାନ୍ତରେ ବିଶଦ ଆଲୋଚନା କରିଥିଲେ। ଏହି ଆଲୋଚନା ଚକ୍ରରେ ବିଭିନ୍ନ ଜାତୀୟ, ଆନ୍ତର୍ଜାତୀୟ ଅନୁଷ୍ଠାନ, ବିଶ୍ୱବିଦ୍ୟାଳୟର ଗବେଷକ, ସରକାରୀ, ବେସରକାରୀ ସଂସ୍ଥା, ସାମାଜିକ ସଂଗଠନର ପ୍ରତିନିଧିମାନେ ଯୋଗ ଦେଇ ବିଭିନ୍ନ ବିଷୟବସ୍ତୁ ଯଥା: ରାଜ୍ୟ, ଗୋଷ୍ଠୀସ୍ତରୀୟ ବିପର୍ଯ୍ୟୟ ପରିଚାଳନା, ଜୀବନଜୀବିକା, ବିପର୍ଯ୍ୟୟ ସମୟରେ ସାମାଜିକ ସଂଗଠନର ଭୂମିକା, ଲିଙ୍ଗ ଓ ବିପର୍ଯ୍ୟୟ ପରିଚାଳନା, ବିପଦସଂକୁଳିତ ଗୋଷ୍ଠୀ ଚିହ୍ନଟ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଭାରତ ସରକାରଙ୍କ ବିଭିନ୍ନ ଯୋଜନା ଓ ନୀତିନିୟମ ତଥା ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ଆଦି ବିଷୟରେ ବିସ୍ତୃତ ଆଲୋଚନା ଓ ପର୍ଯ୍ୟାଲୋଚନା କରିଥିଲେ।

ଏହି ଆଲୋଚନା ଚକ୍ରରେ ଜେ.ଏନ୍.ୟୁ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଓ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି ସେମାନଙ୍କର ସୁଚିନ୍ତିତ ମତାମତ ରଖି ଆଲୋଚନାରେ ସକ୍ରିୟ ଭାବେ ଭାଗ ନେଇଥିଲେ। ଏତଦ୍‌ବ୍ୟତୀତ ଏହି କର୍ମଶାଳାରେ ଓ.ଏସ୍.ଡି.ଏମ୍.ଏ.ର ମୁଖ୍ୟ ସାଧାରଣ ପରିଚାଳକ ଶ୍ରୀ ପ୍ରଦୀପ କୁମାର ନାୟକ ଗ୍ରାମ୍ୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ସଭାରେ ଓ.ଏସ୍.ଡି.ଏମ୍.ଏର ଅଧିକାରୀଗଣ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ସମେତ ଅନ୍ୟାନ୍ୟ ବ୍ୟକ୍ତିବିଶେଷମାନେ ଯୋଗଦେଇଥିଲେ। ଆଲୋଚନା ଚକ୍ରର ଆବାହିକା ଡଃ. ପଦ୍ମାଳୟା ମହାପାତ୍ର ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।








# ଶୀତ ପ୍ରବାହ ପାଇଁ ସତର୍କତା

- ଭୀଷଣ ଶୀତ ହେଉଥିବା ସମୟରେ ଯଥାସମ୍ଭବ ଘର ଭିତରେ ରୁହନ୍ତୁ ।
- ଯାତାୟତ କରୁଥିବା ସମୟରେ ଯଥେଷ୍ଟ ଶୀତବସ୍ତ୍ର ପରିଧାନ କରନ୍ତୁ । ମୁଣ୍ଡରେ ଟୋପି/ ମଫଲର ଏବଂ ପାଦରେ ଜୋତାମୋଜା ବ୍ୟବହାର କରନ୍ତୁ ।
- ଏକୁଟିଆ ରହୁଥିବା ବୟସ୍କ ବ୍ୟକ୍ତି ତଥା ଶିଶୁମାନଙ୍କ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ ।
- ଜେନେରେଟର କିମ୍ବା ଷ୍ଟୋଭ ବ୍ୟବହାର କରୁଥିଲେ ନିର୍ଗତ ବିଷାକ୍ତ ଧୂଆଁକୁ ଘର ବାହାରକୁ ଯିବାର ବ୍ୟବସ୍ଥା କରନ୍ତୁ ।
- ଯଥାସମ୍ଭବ ଗରମ ଖାଦ୍ୟ ଖାଆନ୍ତୁ ଓ ଉଷୁମ ପାଣି ପିଅନ୍ତୁ । ଅତ୍ୟଧିକ ଥଣ୍ଡା ପାଣି ବ୍ୟବହାର କରନ୍ତୁ ନାହିଁ ।
- ଶୀତଦାଉରୁ ରକ୍ଷା ପାଇବା ପାଇଁ ନିଆଁ ଦ୍ୱାରା ଉତ୍ତାପ ଗ୍ରହଣ କରୁଥିଲେ ବା ବୈଦ୍ୟୁତିକ ଉପକରଣ ବ୍ୟବହାର କରୁଥିଲେ ସମ୍ଭାବ୍ୟ ଅଗ୍ନିକାଣ୍ଡ ପ୍ରତି ସତର୍କ ରୁହନ୍ତୁ ।
- ଗୃହପାଳିତ ପଶୁ ଓ ପକ୍ଷୀମାନଙ୍କୁ ରାତିରେ ବାହାରେ ରହିବାକୁ ଦିଅନ୍ତୁ ନାହିଁ । ଥଣ୍ଡାରୁ ରକ୍ଷା ପାଇବା ପାଇଁ ସେମାନଙ୍କୁ ଘୋଡାଇ ରଖନ୍ତୁ ।
- ଶୀତ ଯୋଗୁଁ ଯଦି ଅସୁସ୍ଥ ଅନୁଭବ କରୁଥାନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।
- ଆପଣଙ୍କ ଅଞ୍ଚଳରେ ଶୀତ ପ୍ରବାହ ସମ୍ବନ୍ଧରେ ଜାଣିବା ପାଇଁ ଟି.ଭି., ରେଡ଼ିଓ ଓ ସମ୍ବାଦପତ୍ରରେ ଦିଆଯାଉଥିବା ସୂଚନା ପ୍ରତି ଧ୍ୟାନ ଦିଅନ୍ତୁ ।

Book Post

Stamp

OSDMA

**Odisha State Disaster Management Authority, Govt.of Odisha**
Rajiv Bhawan, Unit-5, Bhubaneswar-751001, Phone: 0674-2395398, 2395531,
Fax: 0674-2391871, Email: osdma@osdma.org, Website: www.osdma.org

**Email : newsletter@osdma.org**

**ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଓଡ଼ିଶା ସରକାର**
ରାଜୀବ ଭବନ, ୟୁନିଟ୍-୫, ଭୁବନେଶ୍ୱର-୭୫୧୦୦୧
ଫୋନ୍: ୦୬୭୪-୨୩୯୫୩୯୮, ୨୩୯୫୫୩୧, ଫ୍ୟାକ୍ସ: ୦୬୭୪-୨୩୯୧୮୭୧
ଇମେଲ୍ : osdma@osdma.org, ୱେବସାଇଟ୍ : www.osdma.org

Govt.of Odisha